# NATIONAL NEWS BULLETIN (ODIA)
## 22nd June - 2025
## Evening Bulletin : 7.15 p.m.

**********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ଉଦୟନାଥ ସ୍ୱାଇଁ**

## ମୁଖ୍ୟ ସମ୍ବାଦ

- ଆମେରିକା ଓ ଇସ୍ରାଏଲ୍‌ର ବିମାନ ଆକ୍ରମଣ ଜବାବରେ ଇରାନ୍ ପକ୍ଷରୁ ଆରମ୍ଭ ହେଲା ଅପରେସନ୍ ଟ୍ରୁ ପ୍ରମିସ୍ ଥ୍ରୀ ।

— ସାମ୍ପ୍ରତିକ ସ୍ଥିତିକୁ ନେଇ ଇରାନ୍ ରାଷ୍ଟ୍ରପତିଙ୍କ ସହ କଥାହେଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ।

- ଇରାନ୍‌ର ପରମାଣୁ ପ୍ରତିଷ୍ଠାନ ଉପରେ ଆମେରିକାର ଆକ୍ରମଣ ପରେ ଅନ୍ତର୍ଜାତୀୟ ସ୍ତରରେ ଭିନ୍ନ ଭିନ୍ନ ପ୍ରତିକ୍ରିୟା ।

- ଏକ ସଭ୍ୟ ସମାଜରେ ହିଂସା ଓ ଲାଲ୍ ଆତଙ୍କର କୌଣସି ସ୍ଥାନ ନାହିଁ; ଛତିଶଗଡ଼ରେ ଫୋରେନ୍‌ସିକ୍ ସାଇନ୍ସ ଲାବୋରେଟୋରୀର ଭିତ୍ତିପ୍ରସ୍ତର ସ୍ଥାପନ ଅବସରରେ କହିଲେ ସ୍ୱରାଷ୍ଟ୍ରମନ୍ତ୍ରୀ ।

- କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଙ୍ଗଠନରେ ଗତ ଏପ୍ରିଲ୍ ମାସରେ ସାମିଲ୍ ହୋଇଛନ୍ତି ୧୯ ଲକ୍ଷରୁ ଅଧିକ ସଦସ୍ୟ ।

ଏବଂ

- ଲିଡ୍ସର ହେଡିଙ୍ଗ୍‌ଲେରେ ଖେଳାଯାଉଥିବା ଭାରତ-ଇଂଲଣ୍ଡ ଟେଷ୍ଟ ଶୃଙ୍ଖଳାର ପ୍ରଥମ ମ୍ୟାଚ୍‌ର ତୃତୀୟ ଦିବସ ଖେଳ ଜାରି ।

## ଇରାନ୍ ଲଞ୍ଚେସ୍ 'ଟ୍ରୁ ପ୍ରମିସ୍ ୩'

ଇରାନ୍ ପକ୍ଷରୁ ଆଜି ଇସ୍ରାଏଲ୍ ଉପରେ 'True Promise 3' ଅପରେସନ୍ ଅନ୍ତର୍ଗତ ଅନେକ କ୍ଷେପଣାସ୍ତ୍ର ମାଡ଼ କରାଯାଇଛି । ୱେଭ୍ ୨୦ କ୍ଷେପଣାସ୍ତ୍ରଦ୍ୱାରା ଇସ୍ରାଏଲ୍‌ର ବେନ୍ ଗୁରିଅନ୍ ବିମାନ ବନ୍ଦର, ଜୈବିକ ଗବେଷଣା କେନ୍ଦ୍ର ଓ ଅନ୍ୟାନ୍ୟ ସାମରିକ ଭିତ୍ତିଭୂମିକୁ ଲକ୍ଷ୍ୟ କରି ଆକ୍ରମଣ କରାଯାଇଛି । ସମ୍ପ୍ରତି ଆମେରିକା ଏବଂ ଇସ୍ରାଏଲ୍‌ର ବିମାନ ଆକ୍ରମଣ ଜବାବରେ ଏହି ଆକ୍ରମଣ କରାଯାଇଥିବା ନେଇ ଇରାନ୍‌ର ଇସ୍‌ଲାମିକ୍ ରିଭୋଲ୍ୟୁସନାରୀ ଗାର୍ଡ଼ କର୍ପସ ନିଶ୍ଚିତ କରିଛି । ଦ୍ୱିତୀୟ ସପ୍ତାହରେ ପହଞ୍ଚିଥିବା ଏହି ଆକ୍ରମଣ ଓ ପ୍ରତି-ଆକ୍ରମଣ ପଶ୍ଚିମ ଏସୀୟ ସଂଘର୍ଷକୁ ଏକ ବିପଜ୍ଜନକ ସ୍ଥିତି ଆଡ଼କୁ ଟାଣି ନେଉଛି । ଏ ସଂକ୍ରାନ୍ତରେ ଏକ ରିପୋର୍ଟ :

ହାଇଫାରେ ଇରାନୀ କ୍ଷେପଣାସ୍ତ୍ର ଆକ୍ରମଣରେ ଅତି କମ୍‌ରେ ୨୩ ଜଣ ଆହତ ହୋଇଛନ୍ତି । ସେମାନଙ୍କ ମଧ୍ୟରେ ଜଣେ କିଶୋରୀଙ୍କ ସମେତ ୩ ଜଣ ଗୁରୁତର ଆହତ ହୋଇଛନ୍ତି । କାର୍ମିଏଲ୍‌ରେ ଜଣେ ମହିଳାଙ୍କର ହୃଦ୍‌ଘାତରେ ମୃତ୍ୟୁ ଘଟିଛି । ଇସ୍ରାଏଲ୍ ଅଧିକାରୀଙ୍କ ରିପୋର୍ଟ ଅନୁସାରେ ଗତରାତିରେ ୧୮ଟି ଇରାନୀ କ୍ଷେପଣାସ୍ତ୍ର ଇସ୍ରାଏଲ୍‌ର ବାୟୁ ପ୍ରତିରକ୍ଷା ପ୍ରଣାଳୀକୁ ଭେଦ କରିଛି । ଇସ୍ରାଏଲ ପ୍ରତିରକ୍ଷା ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ଇରାନୀ କ୍ଷେପଣାସ୍ତ୍ର ବ୍ୟାରେଜ୍‌ରେ ଥିବା ୩୦ଟି  ବିଧ୍ୱଂସୀ କ୍ଷେପଣାସ୍ତ୍ର ମାଧ୍ୟମରେ ପାଲେଷ୍ଟାଇନ୍ ଏବଂ ବେନ୍ ଗୁରିଅନ୍ ବିମାନ ବନ୍ଦରକୁ ଲକ୍ଷ୍ୟ କରି ଆକ୍ରମଣ କରାଯାଇଥିଲା । ଶାହେଦ୍ ୧୩୬ ଆତ୍ମଘାତୀ ଡ୍ରୋନ୍ ସହିତ ସଠିକତା ପୂର୍ବକ ଏହି ଆକ୍ରମଣକୁ କାର୍ଯ୍ୟକାରୀ କରାଯାଇଥିଲା ବୋଲି ଇସ୍ରାଏଲ୍ କହିଛି । ଇସ୍ରାଏଲ ବାୟୁସେନା ପଶ୍ଚିମ ଇରାନ୍‌ରେ ସାମରିକ ଲକ୍ଷ୍ୟସ୍ଥଳଗୁଡ଼ିକ ଉପରେ ତୁରନ୍ତ ପ୍ରତିଶୋଧମୂଳକ ଆକ୍ରମଣ ଆରମ୍ଭ କରିଛି । ଇସ୍ରାଏଲ୍ ପକ୍ଷରୁ ଇରାନ୍‌ର କ୍ଷେପଣାସ୍ତ୍ର  ଲଞ୍ଚର୍‌ଗୁଡ଼ିକୁ ଟାର୍ଗେଟ୍ କରାଯିବା ସହ ସଫଳତାର ସହିତ ସେଗୁଡ଼ିକୁ ନିଷ୍କ୍ରିୟ କରିଦିଆଯାଇଛି ।

ଇରାନ୍, ଇସ୍ରାଏଲ୍ ଓ ଆମେରିକା ମଧ୍ୟରେ ଉତ୍ତେଜନା ନିୟନ୍ତ୍ରଣ ବାହାରକୁ ଯିବାର ଆଶଙ୍କା ଥିବାରୁ ପଶ୍ଚିମ ଏସିଆରେ ଆଞ୍ଚଳିକ ଯୁଦ୍ଧର ସମ୍ଭାବନା ବୃଦ୍ଧି ପାଉଛି ।

ଆକାଶବାଣୀ ସମାଚାର ପକ୍ଷରୁ ମୁଁ ସରିତା ସାହୁ ।

ଏହି ଯୁଦ୍ଧର ଫଳାଫଳ କେବଳ ଯୁଦ୍ଧକ୍ଷେତ୍ରରେ ସୀମିତ ରହିବ ନାହିଁ । ଶତ୍ରୁତା ବୃଦ୍ଧି ପାଇଲେ ବିଶ୍ୱସ୍ତରରେ ଆର୍ଥିକ ମାନ୍ଦାବସ୍ଥା ପରିଲକ୍ଷିତ ହେବ ବୋଲି ବିଶେଷଜ୍ଞମାନେ ମତପ୍ରକାଶ କରିଛନ୍ତି ।

## ପି.ଏମ୍. ମୋଦି - ଇରାନ୍ ପ୍ରେଜ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ଇରାନ୍ ରାଷ୍ଟ୍ରପତି ମାସୁଦ୍ ପେଜେସ୍କିୟାନ୍‌ଙ୍କ ସହ କଥା ହୋଇଛନ୍ତି । ସମ୍ପ୍ରତି ଇରାନ୍ ଓ ଇସ୍ରାଏଲ୍ ମଧ୍ୟରେ ଚାଲିଥିବା ସଂଘର୍ଷକୁ ନେଇ ପ୍ରଧାନମନ୍ତ୍ରୀ ଗଭୀର ଚିନ୍ତା ପ୍ରକଟ କରିଛନ୍ତି ।  ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଶ୍ରୀ ମୋଦି କହିଛନ୍ତି, ବର୍ତ୍ତମାନର ପରିସ୍ଥିତି ନେଇ ସେ ଇରାନ୍‌ର ରାଷ୍ଟ୍ରପତିଙ୍କ ସହ ବିସ୍ତୃତ ଆଲୋଚନା କରିଛନ୍ତି । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି' ଇରାନ୍ ଓ ଇସ୍ରାଏଲ୍ ମଧ୍ୟରେ ଉତ୍ତେଜନା ହ୍ରାସ ତଥା ଆଞ୍ଚଳିକ ଶାନ୍ତି ଓ ସ୍ଥିରତାର ପୁନଃସ୍ଥାପନପାଇଁ କୂଟନୈତିକ ସ୍ତରରେ ପ୍ରୟାସ କରିବାପାଇଁ ତାଙ୍କର ଆହ୍ୱାନକୁ ଦୋହରାଇଛନ୍ତି । ରାଷ୍ଟପତି ଶ୍ରୀ ପେଜେସ୍କିୟାନ୍ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦିଙ୍କୁ ସେହି ଅଞ୍ଚଳର ସାମ୍ପ୍ରତିକ ପରିସ୍ଥିତି ସମ୍ପର୍କରେ ଅବଗତ କରାଇଥିଲେ । ଭାରତ ଶାନ୍ତି ଓ ମାନବତାର ପକ୍ଷରେ ଅଛି ବୋଲି ଶ୍ରୀ ମୋଦି କହିଛନ୍ତି ।

ପ୍ରଧାମନ୍ତ୍ରୀ ଭାରତୀୟ ସମୁଦାୟର ସୁରକ୍ଷିତ ପ୍ରତ୍ୟାବର୍ତ୍ତନ ପାଇଁ ନିରନ୍ତର ସମର୍ଥନ ଦେଇଥିବା ଇରାନ୍ ରାଷ୍ଟ୍ରପତିଙ୍କୁ ଧନ୍ୟବାଦ ଜଣାଇଛନ୍ତି । ବାଣିଜ୍ୟ ଓ ଆର୍ଥିକ ସହଯୋଗ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ଏବଂ ଲୋକସମ୍ପର୍କ ସମେତ ବିଭିନ୍ନ କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗକୁ ମଜବୁତ କରିବାପାଇଁ କାର୍ଯ୍ୟ ଜାରି ରଖିବାକୁ ଉଭୟ ନେତା ନିଜନିଜର ପ୍ରତିବଦ୍ଧତାକୁ ଦୋହରାଇଛନ୍ତି ।

## ଆଇ.ଏ.ଇ.ଏ. - ୟୁ.ଏସ୍. ଷ୍ଟ୍ରାଇକ୍ସ

ଅନ୍ତର୍ଜାତୀୟ ପରମାଣୁ ଶକ୍ତି ସଂସ୍ଥା - ଆଇ.ଏ.ଇ.ଏ.ର ମୁଖ୍ୟ ରାଫେଲ୍ ଗ୍ରୋସିଙ୍କ ଅଧ୍ୟକ୍ଷତାରେ ଆସନ୍ତାକାଲି ଏକ ଜରୁରୀକାଳୀନ ବୈଠକ ବସିବ । ଇରାନ୍‌ର ପରମାଣୁ ପ୍ରତିଷ୍ଠାନ ଉପରେ ଆମେରିକାର ସାମରିକ ଆକ୍ରମଣ ପରେ ଇରାନ୍ ପକ୍ଷରୁ ଆଇ.ଏ.ଇ.ଏ.ର ବୋର୍ଡ୍ ଅଫ୍ ଗଭର୍ଣ୍ଣର୍ସର ଏକ ଜରୁରୀକାଳୀନ ବୈଠକ ଡକାଯାଇଛି ।

## ୱାର୍ଲ୍ଡ ଲିଡର୍ସ - ୟୁ.ଏସ୍.-ଇରାନ୍

ଇରାନ୍‌ର ପରମାଣୁ ପ୍ରତିଷ୍ଠାନ ଉପରେ ଆମେରିକାର ସାମରିକ ଆକ୍ରମଣ ପରେ ଅନ୍ତର୍ଜାତୀୟ ସ୍ତରରେ ପ୍ରତିକ୍ରିୟା ସୃଷ୍ଟି ହୋଇଛି । ବ୍ରିଟେନ୍ ପ୍ରଧାନମନ୍ତ୍ରୀ

କୈର ଷ୍ଟାର୍ମର ଆଞ୍ଚଳିକ ସ୍ଥିରତା ଉପରେ ଗୁରୁତ୍ୱାରୋପ କରିବା ସହ ଆମେରିକାର କାର୍ଯ୍ୟାନୁଷ୍ଠାନକୁ ସମର୍ଥନ ଜଣାଇଛନ୍ତି ।

ଆମେରିକାର ବିମାନ ଆକ୍ରମଣ ପରେ ଚିନ୍ତା ପ୍ରକଟ କରି ଫ୍ରାନ୍ସ ନିଜକୁ ନିରପେକ୍ଷ ଦର୍ଶାଇବା ସହ ସେହି ଅଞ୍ଚଳରେ ଉତ୍ତେଜନା ହ୍ରାସ ପାଇଁ ସମ୍ପୃକ୍ତ ରାଷ୍ଟ୍ରଗୁଡ଼ିକୁ ସଂଯମତା ଅବଲମ୍ବନ କରିବାକୁ ଅନୁରୋଧ କରିଛି ।

ଅଷ୍ଟ୍ରେଲିଆ ତେହେରାନ୍‌ରେ ତା'ର ଦୂତାବାସକୁ ବନ୍ଦ କରିବା ସହ ଇରାନ୍‌ର ପରମାଣୁ ଏବଂ ବିଧ୍ୱଂସୀ କ୍ଷେପଣାସ୍ତ୍ର କାର୍ଯ୍ୟକ୍ରମ ଅନ୍ତର୍ଜାତୀୟ ସୁରକ୍ଷାପାଇଁ ଏକ ବିପଦ ବୋଲି କହିଛି ।

ଆୟାର୍ଲାଣ୍ଡ ଉପପ୍ରଧାନମନ୍ତ୍ରୀ ସାଇମନ୍ ହାରିସ୍' ଉତ୍ତେଜନା ହ୍ରାସ ଦିଗରେ କୂଟନୀତିର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଛନ୍ତି ।

ସାଉଦି ଆରବ ଅନ୍ତର୍ଜାତୀୟ ସମୁଦାୟକୁ ଉତ୍ତେଜନା ହ୍ରାସ କରିବା ଦିଗରେ ପ୍ରୟାସ କରିବାକୁ ଅନୁରୋଧ କରିଛି ।

କତାର ବୈଦେଶିକ ମନ୍ତ୍ରଣାଳୟ ସମ୍ପ୍ରତି ଉତ୍ତେଜନା ଆଗକୁ ଭୟଙ୍କର ପରିଣାମ ଆଣିବ ବୋଲି ସତର୍କ କରାଇଛନ୍ତି ।

ଓମାନ ବୈଦେଶିକ ମନ୍ତ୍ରଣାଳୟ ଆମେରିକା ଆକ୍ରମଣକୁ କଡ଼ା ନିନ୍ଦା କରିବା ସହ ଏହା ଅନ୍ତର୍ଜାତୀୟ ଆଇନ ଓ ଜାତିସଂଘ ଚାର୍ଟର୍‌ର ଉଲ୍ଲଙ୍ଘନ ବୋଲି କହିଛି ।

# ଛତିଶଗଡ଼ - ଅମିତ୍ ଶାହା

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା କହିଛନ୍ତି, ଏକ ସଭ୍ୟ ସମାଜରେ ହିଂସା ଏବଂ ଲାଲ୍ ଆତଙ୍କର କୌଣସି ସ୍ଥାନ ନାହିଁ । ସେ କହିଛନ୍ତି, ସରକାର ନକ୍ସଲବାଦ ଦମନ କରିବାକୁ ସଙ୍କଳ୍ପ ନେଇଛନ୍ତି ଏବଂ ଖୁବ୍ ଶୀଘ୍ର ଏହା ପୂରଣ କରାଯିବ । ଛତିଶଗଡ଼ ନବ ରାୟପୁରର ବଞ୍ଚାରି ଗ୍ରାମରେ ଜାତୀୟ ଫୋରେନ୍‌ସିକ୍ ସାଇନ୍ସ ବିଶ୍ୱବିଦ୍ୟାଳୟ ଏବଂ କେନ୍ଦ୍ରୀୟ ଫୋରେନ୍‌ସିକ୍ ସାଇନ୍ସ ଲାବୋରେଟୋରିର ଭିତ୍ତିପ୍ରସ୍ତର ସ୍ଥାପନ ଅବସରରେ ସେ ଏହା କହିଛନ୍ତି । ଏହି ଦୁଇଟି ଜାତୀୟ ପ୍ରତିଷ୍ଠାନ ପ୍ରାୟ ୪୦ ଏକର ଅଞ୍ଚଳରେ ନିର୍ମିତ ହେବ । ମନ୍ତ୍ରୀ କହିଛନ୍ତି, ଛତିଶଗଡ଼ରେ ଫୌଜଦାରୀ ନ୍ୟାୟ ବ୍ୟବସ୍ଥାକୁ ଆଧୁନିକୀକରଣ କରିବା କ୍ଷେତ୍ରରେ ଏହା ପ୍ରମୁଖ ଭୂମିକା ଗ୍ରହଣ କରିବ । ଏହି ପଦକ୍ଷେପ ମାଧ୍ୟମରେ ଆଗାମୀ ଦିନରେ କେବଳ ଛତିଶଗଡ଼ ନୁହେଁ; ବରଂ ସମସ୍ତ କେନ୍ଦ୍ରୀୟ ଭାରତର ଫୌଜଦାରୀ ନ୍ୟାୟ ବ୍ୟବସ୍ଥାକୁ ବଳିଷ୍ଠ ଆଧାର ମିଳିବ ବୋଲି ଶ୍ରୀ ଶାହା କହିଛନ୍ତି ।

ଆସନ୍ତାବର୍ଷ ମାର୍ଚ୍ଚ ସୁଦ୍ଧା ନକ୍ସଲ୍‌ବାଦର ମୂଳୋତ୍ପାଟନ କରିବାପାଇଁ ତାଙ୍କର ସଙ୍କଳ୍ପକୁ ସ୍ୱରାଷ୍ଟ୍ର ମନ୍ତ୍ରୀ ଦୋହରାଇଛନ୍ତି । ଶ୍ରୀ ଶାହା' ଛତିଶଗଡ଼ ସରକାରଙ୍କର ମାଓବାଦୀମାନଙ୍କ ପାଇଁ ଆତ୍ମସମର୍ପଣ ନୀତିର ପ୍ରଶଂସା କରିଛନ୍ତି । ଏହି ନୀତିର ସୁଯୋଗ ନେଇ ଅସ୍ତ୍ରଶସ୍ତ୍ର ସମର୍ପଣ କରି ସମାଜର

ମୁଖ୍ୟସ୍ରୋତରେ ସାମିଲ୍ ହେବା ସହ ଏକ ନୂତନ ଛତିଶଗଡ଼ ନିର୍ମାଣ ଅଂଶଗ୍ରହ କରିବାକୁ ମାଓବାଦୀମାନଙ୍କୁ ଶ୍ରୀ ଶାହା ଆହ୍ୱାନ ଦେଇଛନ୍ତି ।

***Voice (Amit Shah)*** :........

ନକ୍ସଲ ବିରୋଧୀ ଅଭିଯାନର ସମୀକ୍ଷା କରିବାପାଇଁ ସ୍ୱରାଷ୍ଟ୍ର ମନ୍ତ୍ରୀ ରାୟପୁରରେ ୭ଟି ମାଓବାଦୀ ପ୍ରଭାବିତ ରାଜ୍ୟର ବରିଷ୍ଠ ଅଧିକାରୀଙ୍କ ସହ ଏକ ବୈଠକ କରୁଛନ୍ତି । ଏହି ବୈଠକରେ ଓଡ଼ିଶା ସମେତ ଛତିଶଗଡ଼, ଆନ୍ଧ୍ରପ୍ରଦେଶ, ତେଲଙ୍ଗାନା, ମଧ୍ୟପ୍ରଦେଶ, ମହାରାଷ୍ଟ୍ର ଏବଂ ଝାଡ଼ଖଣ୍ଡ ପୁଲିସ୍ ଓ ପ୍ରଶାସନର ବରିଷ୍ଠ ଅଧିକାରୀମାନେ ଅଂଶଗ୍ରହଣ କରୁଛନ୍ତି ।  ସ୍ୱରାଷ୍ଟ୍ର ମନ୍ତ୍ରୀ ଦୁଇ ଦିନିଆ ଛତିଶଗଡ଼ ଗସ୍ତରେ ଅଛନ୍ତି ।

## ପି.ଏମ୍. - ଯୋଗ ୱାଲ୍ର୍ଡ ରେକର୍ଡ଼

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅନ୍ତର୍ଜାତୀୟ ଯୋଗ ଦିବସରେ ଆନ୍ଧ୍ରପ୍ରଦେଶର ଲୋକମାନଙ୍କ ସମର୍ଥନ ପାଇଁ ଭୂୟସୀ ପ୍ରଶଂସା କରିଛନ୍ତି । ଗତକାଲି ବିଶାଖାପାଟଣାରେ ଆୟୋଜିତ ମୁଖ୍ୟ ଯୋଗ ଶିବିରରେ ୩ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ଅଂଶଗ୍ରହଣ କରିବା ସହ ଗିନିଜ୍ ବିଶ୍ୱରେକର୍ଡ଼ ସୃଷ୍ଟି ହୋଇଛି । ଯୋଗକୁ ନିଜ ଜୀବନର ଏକ ଅଂଶ କରିବାପାଇଁ ଆନ୍ଦୋଳନକୁ ମଜବୁତ

କରିବା କ୍ଷେତ୍ରରେ ଆନ୍ଧ୍ରପ୍ରଦେଶ ଲୋକମାନଙ୍କ ଭୂମିକାକୁ ପ୍ରଧାନମନ୍ତ୍ରୀ ପ୍ରଶଂସା କରିଛନ୍ତି ।

## ବିଶାଖାପାଟଣା - ଆଇ.ଏନ୍.ଏସ୍.

ଶତ୍ରୁପକ୍ଷର ରାଡାର୍‌ର ଦୃଷ୍ଟି ଆଢୁଆଳରେ ଆକ୍ରମଣ କରିବାର କ୍ଷମତା ରଖୁଥିବା ଯୁଦ୍ଧ ଜାହାଜ ପ୍ରଥମ 'ଆଇ.ଏନ୍.ଏସ୍. ନୀଳଗିରି' ଆଜି ବିଶାଖାପାଟଣାରେ ପହଞ୍ଚିଛି । ପ୍ରୋଜେକ୍ଟ ୧୭-ଏ ଅନ୍ତର୍ଗତ ସ୍ୱଦେଶୀ ଜ୍ଞାନକୌଶଳରେ ଏହି ଜାହାଜ ଭାରତୀୟ ନୌସେନାପାଇଁ ମୁମ୍ବାଇଠାରେ ନିର୍ମାଣ କରାଯାଇଛି । ଏହି ଜାହାଜ ବିଶାଖାପାଟଣା ବନ୍ଦରରେ ମୁତୟନ ହେବା ସହ ଇଷ୍ଟର୍ଣ୍ଣ ସୋର୍ଡ଼ ସନ୍‌ରାଇଜ୍ ଫ୍ଲିଟ୍‌ର ଅବିଚ୍ଛେଦ୍ୟ ଅଙ୍ଗ ହେବ । ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ଏହି ଯୁଦ୍ଧ ଜାହାଜ ପୂର୍ବ ନୌସେନା କମାଣ୍ଡ୍‌ର କ୍ଷମତାକୁ ସଶକ୍ତ କରିବ । ଏହି ଯୁଦ୍ଧଜାହାଜର ମୂଳମନ୍ତ୍ର 'ଆଦ୍ରିଶ ଜାବଲମ୍, ଅଜେୟ ଶୌର୍ଯ୍ୟମ୍' । ନିକଟ ଭବିଷ୍ୟତରେ ଆଇ.ଏନ୍.ଏସ୍. ନୀଳଗିରି ଏବଂ ଏହି ଶ୍ରେଣୀର ଅନ୍ୟ ଜାହାଜ ପୂର୍ବ ନୌସେନା କମାଣ୍ଡ୍‌ରେ ସାମିଲ୍ ହେବାର ଆଶା କରାଯାଉଛି ।

## ଇ.ପି.ଏଫ୍.ଓ. - ଏପ୍ରିଲ୍

କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଙ୍ଗଠନ - ଇ.ପି.ଏଫ୍.ଓ. ଚଳିତ ବର୍ଷ ଏପ୍ରିଲ୍‌ରେ ୧୯ ଲକ୍ଷରୁ ଅଧିକ ସଦସ୍ୟଙ୍କୁ ଯୋଡ଼ିଛି । ଏହା ପୂର୍ବମାସ ତୁଳନାରେ ୩୧ ଦଶମିକ ୩/୧ ପ୍ରତିଶତ ଅଧିକ ରହିଛି । ଶ୍ରମ ଓ ନିଯୁକ୍ତି ମନ୍ତ୍ରଣାଳୟ ସୂଚନା ଅନୁସାରେ ନୂତନ ସଦସ୍ୟଙ୍କ ମଧ୍ୟରେ ୨ ଲକ୍ଷରୁ ଅଧିକ ମହିଳା ରହିଛନ୍ତି ।

## ଇଣ୍ଡିଆନ୍ ନାଭି - ତମାଲ

ଭାରତୀୟ ନୌସେନା ପକ୍ଷରୁ ଆସନ୍ତା ମାସ ୧ ତାରିଖରେ ରୁଷ୍‌ର କାଲିନିନ୍ ଗ୍ରାଡ୍‌ରେ ନୂତନଭାବେ ନିର୍ମିତ ବହୁ ଭୂମିକା ନିର୍ବାହ କରୁଥିବା ଯୁଦ୍ଧଜାହାଜ 'ତମାଲ୍'ର ଜଳାବତରଣ କରାଯିବ । ପଶ୍ଚିମ ନୌସେନା କମାଣ୍ଡ୍‌ର ଫ୍ଲାଗ୍ ଅଫିସର, କମାଣ୍ଡିଂ-ଇନ୍-ଚିଫ୍, ଭାଇସ୍ ଆଡ୍‌ମିରାଲ୍ ଜେ. ସିଂହ ଏହି ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେବେ । ଏହି ଉତ୍ସବରେ ବହୁ ଉଚ୍ଚପଦସ୍ଥ ଭାରତୀୟ ନୌସେନା ଅଧିକାରୀ ଏବଂ ରୁଷ୍‌ର ସରକାରୀ ଓ ପ୍ରତିରକ୍ଷା ଅଧିକାରୀମାନେ ଉପସ୍ଥିତ ରହିବେ । ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି, ଗତ ଦୁଇ ଦଶନ୍ଧି ମଧ୍ୟରେ ରୁଷ୍‌ରୁ ସାମିଲ୍ ହୋଇଥିବା

କ୍ରିଭାକ୍ ଶ୍ରେଣୀର ଯୁଦ୍ଧଜାହାଜ ସିରିଜ୍‌ର ଅଷ୍ଟମ ଜାହାଜ । ମନ୍ତ୍ରଣାଳୟ ଆହୁରି କହିଛି, ତମାଲ୍ ହେଉଛି 'ତୁଶିଲ୍' ଶ୍ରେଣୀର ଦ୍ୱିତୀୟ ଜାହାଜ, ଯାହା ପୂର୍ବରୁ ଥିବା ତଲ୍‌ୱାର୍ ଏବଂ ତେଗ୍ ଶ୍ରେଣୀର ଉନ୍ନତ ସଂସ୍କରଣ । ତମାଲ୍‌ର ନିର୍ମାଣ ମସ୍କୋରେ ହୋଇଥିବାବେଳେ ଏକ ଭାରତୀୟ ବିଶେଷଜ୍ଞ ଦଳଦ୍ୱାରା ଏହାର ତଦାରଖ କରାଯାଇଥିଲା । ଏହି ଜାହାଜ ସିରିଜ୍‌ର ସମାପ୍ତି ପରେ ଭାରତୀୟ ନୌସେନା ୪ଟି ଭିନ୍ନ ଶ୍ରେଣୀରେ ସମାନ କ୍ଷମତା, ଉପକରଣ, ଅସ୍ତ୍ରଶସ୍ତ୍ର ଏବଂ ସେନ୍ସର ଫିଟ୍‌ରେ ସମାନତା ସହିତ ୧୦ଟି ଜାହାଜ ପରିଚାଳନା କରିବ ।

## ଇଣ୍ଡିଆ-ଇଂଲଣ୍ଡ - ଟେଷ୍ଟ କ୍ରିକେଟ୍

ଲିଡ୍‌ସ୍‌ର ହେଡିଙ୍ଗ୍‌ଲେଠାରେ ଖେଳାଯାଉଥିବା ଆଣ୍ଡର୍ସନ-ତେନ୍ଦୁଲ୍‌କର ଟେଷ୍ଟ ଶୃଙ୍ଖଳାର ପ୍ରଥମ ମ୍ୟାଚ୍‌ର ତୃତୀୟ ଦିବସରେ ସମ୍ବାଦ ପ୍ରସ୍ତୁତ ହେବାବେଳକୁ ଇଂଲଣ୍ଡ ଦଳ ତା'ର ପ୍ରଥମ ଇନିଙ୍ଗ୍‌ସ୍‌ରେ ୬ ୱିକେଟ୍ ହରାଇ ୩୯୪ ରନ୍ ସଂଗ୍ରହ କରିଛି ।

ଭାରତର ପ୍ରଥମ ଇନିଙ୍ଗ୍‌ସ ସ୍କୋର୍ ୪୭୧ ରନ୍ ଜବାବରେ ଇଂଲଣ୍ଡ ଆଜି ୨୦୯ରୁ ଖେଳିବା ଆରମ୍ଭ କରିଥିଲା ।

*****